କାବ୍ୟକୃତି - ପୁନଶ୍ଚ

ପ୍ରବାଳଦ୍ୱୀପରେ ଲବଙ୍ଗଲତା

କବି ରଘୁନାଥ ଦାସ

ମୁଁ କୋମଳ କବି:

ଦୂରେ ରଖି ଜୀବନର ଜ୍ୱାଳାମୟର କ୍ରୂର

ପରିବେଶ,

କୁଟିଳ ଜଟିଳ ତିକ୍ତ ହାତାହାତି ରକ୍ତାକ୍ତ ସଂଘର୍ଷ

ll ଭାବ ଓ ଭାଷାରେ ଫୁଟେ

ଚିତ୍ରକଳ୍ପ ଫୁଟାଏ କରବୀ ।

ମୁଁ କୋମଳ କବି:

ରୁଦ୍ଧ କରି ବାତାୟନ ନିଭୃତ ପ୍ରକୋଷ୍ଠେ

ପ୍ରଗାଢ଼ କରେ ଚୁଂବନ ଅଧରେ ଓ ଓଷ୍ଠେ

ରୂପାନ୍ୱିତ ରସମତୀ ତନ୍ୱୀ ତରୁଣୀର;

(ଅବାସ୍ତବ କଳ୍ପନାମୁଣିରେ)

ଅଭିଶାପେ ଜର୍ଜରିତ ପରି ବ୍ୟାପ୍ତ ସାତତାଳ ପଙ୍କ

ଫାଙ୍କି ଦେଇ ନୌକା ମୋର ଭାସିଯାଏ...

ଭାସିଯାଏ, ଭାସିଯାଏ

ଦୂରେ ବହୁଦୂରେ

ଯହିଁ ପୁଷ୍ପିତା ଲବଙ୍ଗ ।

www.jatayu.org

ପ୍ରବାଳଦ୍ୱୀପରେ ଲବଙ୍ଗଲତା

କବି ରଘୁନାଥ ଦାସ

ଲବଙ୍ଗ ଦ୍ୱୀପରେ-

ଜଳେ ଭଳି ଭଳି କେତେ ହୀରାନୀଳା ମାଣିକ ଓ ମୋତି ।

ପ୍ରବାଳ ପାହାଚେ ମୋତେ ରାଜକନ୍ୟା ନିଏଟି

ପାଛୋଟି

ଶୃଙ୍ଗାରର ରାଣୀହଂସପୁରେ;

ବିଞ୍ଚିଦେଇ ସ୍ୱେଦବିନ୍ଦୁ

ସ୍ୱପ୍ନବୁଣା କୁଂଚିତ ଦୁକୂଳେ

ପୁଚ୍ଛେ ବାରମ୍ବାର ପ୍ରୀତି ସମାଚାର:

'କହ ପ୍ରିୟା...' ।

ଛିନ୍ନ ହୁଏ ଯତ୍ନେ ଗୁନ୍ଥା ହାର

ପୂର୍ଣ୍ଣ କରି କରପୁଟେ କୁଚର ସମ୍ଭାର ।

X X X X

ତୁମେ ୟାକୁ କହିପାର ତୁଚ୍ଛ ମିଥ୍ୟାଚାର ।

ମୁଁ କୋମଳ କବି

ମନଗଢ଼ା ଛବି ନେଇ

ତୋଳେ ମୁଁ ସଂସାର;

କଳ୍ପନାପୁରୀର ମୁହିଁ ଧନୀ ସୌଦାଗର ।

www.jatayu.org

ପ୍ରବାଳଦ୍ୱୀପରେ ଲବଙ୍ଗଲତା

କବି ରଘୁନାଥ ଦାସ

ତୁମର ଏ ପୃଥୀ ସତେ

କେଡେ ଭୟାନକ!!

ଧପ୍‌ପାବାଜ, ଜୁଆଚୋର, ଡାକୁ ,ଖୁନି,

ସାଧୁବେଶ ଠକ!!

ମୃତ୍ୟୁର ଦୁନ୍ଦୁଭି ଶୁଭେ କାନେ କାନେ

ଭୟଙ୍କର ଅତି;

ଜଳିଯାଏ ପଲ୍ଲୀପୁର, ଦିଗେ ଦିଗେ...

କ୍ଷୟ ଆଉ କ୍ଷତି ।

ଜାଳିବାକୁ ଚାହେଁ ତାହା ସବୁ କିଛି ।

ମୁଁ ନାଚାର, ନାଚାର

ସୃଷ୍ଟି ପଛେ ନାଶଯାଉ

ଆପାଣାକୁ କରିବି ଉଦ୍ଧାର!

ବୁଜିଦେଲେ ଆଖି ।

ଦାରିଦ୍ର୍ୟ, ଶୋଷଣ, ଦ୍ୱନ୍ଦ୍ୱ, ସବୁ ମିଛ-

www.jatayu.org

ପ୍ରବାଳଦ୍ୱୀପରେ ଲବଙ୍ଗଲତା

କବି ରଘୁନାଥ ଦାସ

ଆପାଣାର ଆପେ ଆଛି ସାକ୍ଷୀ ।

www.jataayu.org